ସମ୍ବାଦ

## ଏକାମ୍ରକାନନ ଜମିକୁ ନେଇ ଜନସ୍ୱାର୍ଥ ମାମଲା

# ଶୁଣାଣିରେ ପଡ଼ିଲା ପୂର୍ଣ୍ଣଚ୍ଛେଦ

କଟକ,୧୭।୧୦(ଇମିସ): ରାଜଧାନୀର ଏକାମ୍ରକାନନ ଫାର୍ମର ଜାଗାକୁ ସାଧାରଣ ପ୍ରଶାସନ ବିଭାଗକୁ ହସ୍ତାନ୍ତର ପ୍ରସଙ୍ଗକୁ ବିରୋଧ କରି ଦାୟର ମାମଲାର ଶୁଣାଣିରେ ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ହାଇକୋର୍ଟରେ ଜନସ୍ୱାର୍ଥ ମାମଲାର ଶୁଣାଣି ସମୟରେ ଏହି ପ୍ରସଂଗରେ ଜାତୀୟ ଗ୍ରିନ୍ ଟ୍ରିବୁନାଲ୍ (ଏନ୍‌ଜିଟି)ଙ୍କ ୨୦୨୧, ନଭେମ୍ବର ୨୩ର ରାୟ ସଂକ୍ରାନ୍ତରେ ଆବେଦନକାରୀ ଦୃଷ୍ଟି ଆକର୍ଷଣ କରିଥିଲେ। ଏନ୍‌ଜିଟିଙ୍କ ଦ୍ୱାରା ଗଠିତ କମିଟି ରିପୋର୍ଟରେ ଏକାମ୍ରକାନନ ଫାର୍ମର ଜାଗାରେ କୌଣସି ଉଚ୍ଚ ଅଟ୍ଟାଳିକା ନିର୍ମାଣ କରାଯିବନାହିଁ ବୋଲି ଉଲ୍ଲେଖ କରାଯାଇଥିଲା। ଚନ୍ଦକାର ଇକୋ-ସେନ୍‌ସିଟିଭ୍ ଜୋନ୍ ଭିତରେ ଏହି ଅଞ୍ଚଳ ରହିଥିବାରୁ ଏଠାରେ କୌଣସି ଉଚ୍ଚ ଅଟ୍ଟାଳିକା ବା ବ୍ୟାବସାୟିକ କୋଠା ନିର୍ମାଣର ଯୋଜନା ନାହିଁ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା। ଏଥିସହିତ ହାଇକୋର୍ଟରେ ବିଚାରାଧୀନ ମାମଲା ପ୍ରସଂଗରେ ମଧ୍ୟ ଏନ୍‌ଜିଟିଙ୍କ ରାୟରେ ଉଲ୍ଲେଖ କରାଯାଇଥିଲା। ଏପରି ତଥ୍ୟକୁ ବିଚାରକୁ ନେଇ ହାଇକୋର୍ଟ ମାମଲା ଶୁଣାଣିରେ ଅନ୍ତ ଘଟାଇଛନ୍ତି। ଆବଶ୍ୟକ ପଡ଼ିଲେ, ଭବିଷ୍ୟତରେ ଆବେଦନକାରୀ ସାନି ଆବେଦନ କରିପାରିବେ ବୋଲି କହିଛନ୍ତି। ମୁଖ୍ୟ ବିଚାରପତି ଡକ୍ଟର୍ ଜଷ୍ଟିସ୍ ଏସ୍. ମୁରଲୀଧର ଓ ଜଷ୍ଟିସ୍ ଚିତ୍ତରଂଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ କଟକର ସାମାଜିକ କର୍ମୀ ଜୟନ୍ତୀ ଦାସ ହାଇକୋର୍ଟରେ ଜନସ୍ୱାର୍ଥ ଆବେଦନ କରି ଦର୍ଶାଇଥିଲେ ଯେ ଏକାମ୍ରକାନନ ଭୁବନେଶ୍ୱର ସହରର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ। ଏହି ବଟନିକାଲ୍ ପାର୍କ ରାଜ୍ୟ ସରକାରଙ୍କ ରିଜିଓନାଲ୍ ପ୍ଲାଣ୍ଟ ରିସୋର୍ସ ସେଣ୍ଟର୍‌ର ଅଂଶ ବିଶେଷ। ନିକଟରେ